ସୌରାଷ୍ଟ୍ର ଭିପ୍ରା ସଭା

ବନାମ

ନାମକ୍କଲ୍ ପୌରପାଳିକା ଏବଂ ଅନ୍ୟଜଣେ

ନଭେମ୍ବର 4, 1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ତାମିଲନାଡୁ ଜିଲ୍ଲା ପୌରପାଳିକା ଅଧିନିୟମ, 1920 ।*

*ଧାରା 339 (2) – ପାଭାଡ଼ି ଜମି – ମାଲିକାନା ଘୋଷଣା ଏବଂ ଚିରସ୍ଥାୟୀ ନିଷେଧାଜ୍ଞା ପାଇଁ ମକଦ୍ଦମା ଏହି ଆଧାରରେ କରାଯାଇଛି ଯେ, ସମ୍ପତ୍ତି ଏକ ମାହାଲ ହୋଇଥିବାରୁ, ବାଦୀ ତାଙ୍କ ସ୍ୱତ୍ୱକୁ ପରିପୂର୍ଣ୍ଣ କରିଛନ୍ତି – ସମସ୍ତ ଅଧସ୍ତନ ନ୍ୟାୟାଳୟଙ୍କ ଦ୍ୱାରା ମକଦ୍ଦମା ଖାରଜ ହୋଇଛି – ବାଦୀଙ୍କ ଉପରେ ପ୍ରତ୍ୟୟ ସୂଚନା ଜାରି ଏବଂ ଜମିର ଦଖଲ ଅଧିଗ୍ରହଣ କରାଯାଇଥିଲା – ଦର୍ଶାଯାଇଛି, ବାଦୀ ଉଚିତ ବହିଷ୍କରଣ କରିବା ପରେ ଜମି ରାଜ୍ୟରେ ନ୍ୟସ୍ତ ହୋଇଥିଲା – ଏହି ନ୍ୟାୟାଳୟଙ୍କ ଦ୍ୱାରା ହସ୍ତକ୍ଷେପ କରିବା ପାଇଁ ଉପଯୁକ୍ତ ମାମଲା ନୁହେଁ ।*

ଦେୱାନୀ ଅପିଲୀୟ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 14779/1996

ଏସ୍.ଏ. ସଂଖ୍ୟା 2235/1983ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କର 1.9.995 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀ ପାଇଁ ଏସ୍. ଶିବସୁବ୍ରମଣ୍ୟମ୍, ଆର୍. ନେଦୁମାରନ୍ ଏବଂ ଭି. ଜି. ପ୍ରଗସମ ।

ଉତ୍ତରଦାତାମାନଙ୍କ ପାଇଁ ଆର୍. ମୋହନ ଏବଂ ଟି. ରାଜା ।

ନ୍ୟାୟାଳୟ ନିମ୍ନଲିଖିତ ଆଦେଶ ପ୍ରଦାନ କରିଥିଲେ :

ଅନୁମତି ପ୍ରଦାନ କରାଗଲା ।

ଆମେ ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

ଏସ୍.ଏ ସଂଖ୍ୟା 2235/83ରେ, ସେପ୍ଟେମ୍ବର 1,1996 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କର ବିଜ୍ଞ ଏକକ ବିଚାରପତିଙ୍କ ଆଦେଶରୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲଟି ଉତ୍ପନ୍ନ ହୋଇଛି ।

ଅପିଲକାରୀ ମାଲିକାନା ଘୋଷଣା ଏବଂ ଚିରସ୍ଥାୟୀ ନିଷେଧାଜ୍ଞା ପାଇଁ ଏକ ମକଦ୍ଦମା ଦାୟର କରିଥିଲେ । ଅପିଲକାରୀଙ୍କ ଦ୍ୱାରା ଉଠାଯାଇଥିବା ଯୁକ୍ତି ଥିଲା ଯେ, ସମ୍ପତ୍ତି ଏକ ମାହାଲ ହୋଇଥିବାରୁ ସେ ସେଥିରେ ତାଙ୍କ ଅଧିକାରକୁ ପରିପୂର୍ଣ୍ଣ କରିଛନ୍ତି । ଉତ୍ତରଦାତାମାନଙ୍କ ମାମଲା ହେଉଛି ଯେ, ଏହା ଏକ ପଭାଡି ଜମି ଏବଂ ସମ୍ପତ୍ତିର ଉଚ୍ଛେଦ ପରେ, ଏହା ସମସ୍ତ ଋଣଭାରରୁ ମୁକ୍ତ ହୋଇ ରାଜ୍ୟ ଉପରେ ନ୍ୟସ୍ତ ହୋଇଥିଲା । ଅଧସ୍ତନ ସମସ୍ତ ନ୍ୟାୟାଳୟ ଏକାସାଙ୍ଗରେ ଜାଣିବାକୁ ପାଇଛନ୍ତି ଯେ, ଅପିଲକାରୀଙ୍କ ସମ୍ପତ୍ତିରେ କୌଣସି ଅଧିକାର ନାହିଁ କିନ୍ତୁ ସେ ସମ୍ପତ୍ତିର ଦଖଲରେ ଥିଲେ । ତଦନୁସାରେ, ଆଇନ ଅନୁଯାୟୀ ତାଙ୍କୁ ବହିଷ୍କାର

କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରାୟ ପ୍ରଦାନ କରାଯିବା ପରେ, ସେପ୍ଟେମ୍ବର 1,1995 ରେ ଅପିଲକାରୀଙ୍କୁ ସୂଚନା ଦିଆଯାଇଥିଲା ଏବଂ ସେମାନେ ସୂଚନା ଗ୍ରହଣ କରିବାକୁ ମନା କରିଦେଇଥିଲେ । ଫଳସ୍ୱରୂପ, 2.9.1995 ତାରିଖରେ, ଅପିଲକାରୀଙ୍କୁ ସଂଯୁକ୍ତ ଦ୍ୱାରା ବିଜ୍ଞପ୍ତି ଦିଆଯାଇଥିଲା ଏବଂ ତାମିଲନାଡୁ ପୌରପାଳିକା ଅଧିନିୟମର ଧାରା 339 (2) ର ବ୍ୟବସ୍ଥା ଅଧୀନରେ 9.9.1995 ତାରିଖରେ ଏହାକୁ ଦଖଲ କରାଯାଇଥିଲା । ତେଣୁ ଅପିଲକାରୀଙ୍କ ଦ୍ୱାରା ଉପଯୁକ୍ତ ବହିଷ୍କରଣ ପରେ ଜମିଟି ରାଜ୍ୟ ଅଧୀନରେ ନ୍ୟସ୍ତ ହୋଇଗଲା । ଏହା ଉଲ୍ଲେଖ କରାଯାଇଛି ଯେ, ଏହା ଉକ୍ତ ସ୍ଥାନରେ ଥିବା ସାର୍ବଜନୀନ ବସ୍ ଷ୍ଟାଣ୍ଡର ଏକ ଅଂଶ ବୋଲି କୁହାଯାଇଛି ଏବଂ ସାର୍ବଜନୀନ ଯାତ୍ରୀବାହୀ ବସଗୁଡ଼ିକ ଏହା ଦେଇ ପ୍ରବେଶ କରନ୍ତି । ସେହି ଉଦ୍ଦେଶ୍ୟରେ ଏକ ରେଖାଙ୍କ ଦାଖଲ କରାଯାଇଥିଲା ଯେଉଁଥିରେ ବସ୍ ଷ୍ଟାଣ୍ଡର ଅଂଶକୁ ଲାଲ ରଙ୍ଗରେ ଚିହ୍ନିତ କରାଯାଇଥିଲା । ଏଭଳି ପରିସ୍ଥିତିରେ, ଆମେ ଭାବୁନାହୁଁ ଯେ, ଏହି ମାମଲା ହସ୍ତକ୍ଷେପକୁ ସମର୍ଥନ କରୁଛି ।

ତଦନୁସାରେ ଅପିଲକୁ ଖାରଜ କରାଗଲା । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦିକା : ସସ୍ମିତା ନାଏକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ